**ରିପୋର୍ଟ ଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ**

**ଦେୱାନୀ ନ୍ୟାୟିକ କ୍ଷେତ୍ରାଧିକାର**

**୨୦୨୨ ର ଦେୱାନୀ ଆବେଦନ ନମ୍ବର ୪୯୧୪**

(୨୦୨୦ ର ଏସ୍ ଏଲ୍ ପି (ସି) ନଂ ୧୦୯୮ ରୁ ଉତ୍ପନ୍ନ)

**ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଏବଂ ଅନ୍ୟ ଜଣେ** ........... **ଅପିଲକାରୀ (ମାନେ )**

**ବନାମ**

**ମେସର୍ସ ଆଇ.ଭି.ଆର୍.ସି.ଏଲ୍ .ଏ.ଏମ୍.ଆର୍. ସଂଯୁକ୍ତ ଉଦ୍ୟୋଗ** ............. **ପ୍ରତିବାଦୀ (ମାନେ)**

**ରାୟ**

**ଡଃ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼**

୧. ଅନୁମତି ପ୍ରଦାନ କରାଗଲା ।

୨. ଆବେଦନକାରୀ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ , କୋଲ୍ ଇଣ୍ଡିଆ ଲିମିଟେଡ୍[1] ର ଏକ ସହାୟକ କମ୍ପାନୀ । ଉତ୍ତରଦାତା , ଆଇ.ଭି.ଆର.ସି.ଏଲ୍. ଏ.ଏମ୍ .ଆର୍.ସଂଯୁକ୍ତ ଉଦ୍ୟୋଗ , ଭିତ୍ତିଭୂମି ବିକାଶ ବ୍ୟବସାୟରେ ନିୟୋଜିତ ଇଞ୍ଜିନିୟରିଂ ଠିକାଦାରଙ୍କ ଏକ ସଂଯୁକ୍ତ ଉଦ୍ୟୋଗ ଅଟେ। ୧୧ ଅକ୍ଟୋବର ୨୦୧୦ ରେ ଆବେଦନକାରୀ ଓଡ଼ିଶା ରାଜ୍ୟର ତାଲଚେର କୋଇଲା ଖଣିରେ ଏକ କୋଇଲା ପରିବହନ ସଡ଼କକୁ ସୁଦୃଢ଼ ଏବଂ ପ୍ରଶସ୍ତ କରିବା ପାଇଁ ଇ-ଟେଣ୍ଡର ଜାରି କରିଥିଲେ । ଉତ୍ତରଦାତା ସଫଳତାର ସହ ନିଲାମୀ କରିଥିଲେ ଏବଂ ତାଙ୍କୁ ୧୪ ଡିସେମ୍ବର ୨୦୧୧ ତାରିଖରେ କାର୍ଯ୍ୟ ଆଦେଶ ପ୍ରଦାନ କରାଯାଇଥିଲା । ୩୦ ଜାନୁୟାରୀ ୨୦୧୨ ତାରିଖରେ ଉଭୟ ପକ୍ଷ ମଧ୍ୟରେ ଏକ 'ଚୁକ୍ତି ରାଜିନାମା' ସ୍ୱାକ୍ଷରିତ ହୋଇଥିଲା , ଯାହା ଅନୁସାରେ ୧୬ ଜାନୁୟାରୀ ୨୦୧୨ ରୁ ୧୪ ଜାନୁୟାରୀ ୨୦୧୫ ମଧ୍ୟରେ କାର୍ଯ୍ୟ- ଆଦେଶ ସମ୍ପାଦନ କରିବାର ଥିଲା।

୩ . ଜୁନ ୨୮, ୨୦୧୨ ରେ ଆୟୋଜିତ ଏକ ବୈଠକରେ ଆବେଦନକାରୀ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ସମ୍ବଳ ଯୋଗାଡ଼ କରିବା ଲାଗି ଉତ୍ତରଦାତାଙ୍କୁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ଆବେଦନକାରୀ ପ୍ରତିବାଦକାରୀଙ୍କୁ ଅନେକଗୁଡ଼ିଏ ଚିଠି ଲେଖି କାର୍ଯ୍ୟସୂଚୀ ଅନୁଯାୟୀ

[1] " ସି ଆଇ ଏଲ୍ "

କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ । ୨୦୧୩ ଏବଂ ୨୦୧୪ ରେ , ପ୍ରତିବାଦକାରୀ ଯେତେବେଳେ କାର୍ଯ୍ୟସୂଚୀ ପାଳନ କରିବାରେ ବିଫଳ ହୋଇଥିଲେ , ଆବେଦନକାରୀ ତାଙ୍କୁ ଅନେକ ନୋଟିସ୍ ପ୍ରଦାନ କରିଥିଲେ । ପରିଶେଷରେ, କାମ ଶେଷ କରିବାରେ ବିଳମ୍ବ ଏବଂ କାର୍ଯ୍ୟସୂଚୀ ପୂରଣ କରିବାରେ ପ୍ରତିବାଦୀଙ୍କ ଅକ୍ଷମତା କାରଣରୁ ଆବେଦନକାରୀ ୧୫ ମେ ୨୦୧୪ ରେ କାର୍ଯ୍ୟ- ଆଦେଶ କୁ ସମାପ୍ତ କରିଥିଲେ ।

୪ . ଏହାପରେ ଆବେଦନକାରୀଙ୍କ ବିଳମ୍ବ ଏବଂ ଖର୍ଚ୍ଚ କରିବା ହେତୁ ୧୨ ଅକ୍ଟୋବର ୨୦୧୭ ତାରିଖ ଦିନ ପ୍ରତିବାଦୀ ୧୨୮,୬୫,୧୨,୬୮୮ ଟଙ୍କା ଦାବି କରିଥିଲେ । ୧୮ ଡିସେମ୍ବର ୨୦୧୭ ରେ ଆବେଦନକାରୀ ଏହି ଦାବିକୁ ଖାରଜ କରିଦେଇଥିଲେ । ପରବର୍ତ୍ତୀ ସମୟରେ , ପ୍ରତିବାଦୀ ଚୁକ୍ତି ରାଜିନାମାର ଅନୁବିଧି ୧୫ ଅନୁଯାୟୀ ୯ ଏପ୍ରିଲ ୨୦୧୮ ତାରିଖରେ ଏକ ପତ୍ର ମାଧ୍ୟମରେ ଆବେଦନକାରୀଙ୍କୁ ମଧ୍ୟସ୍ଥତା ନୋଟିସ ଜାରି କରିଥିଲେ । ଉକ୍ତ ମଧ୍ୟସ୍ଥତା ନୋଟିସ୍ ଜରିଆରେ , ଜଷ୍ଟିସ ଅଶୋକ କୁମାର ଗାଙ୍ଗୁଲି ଙ୍କୁ ଏକମାତ୍ର ମଧ୍ୟସ୍ଥି ଭାବେ ନିଯୁକ୍ତି ଦେବା ଲାଗି ପ୍ରତିବାଦୀ ଆବେଦନକାରୀଙ୍କୁ ନିଜର ସହମତି ଦେବାକୁ ଆହ୍ୱାନ କରିଥିଲେ । ମଧ୍ୟସ୍ଥତା ନୋଟିସର ୧୫ ଦିନ ମଧ୍ୟରେ ଆବେଦନକାରୀଙ୍କ ଠାରୁ କୌଣସି ଉତ୍ତର ମିଳିନଥିବା ବେଳେ, ପ୍ରତିବାଦୀ ମଧ୍ୟସ୍ଥତା ଏବଂ ଆପୋଷ ସମାଧାନ ଅଧିନିୟମ , ୧୯୯୬[2] ର ଧାରା ୧୧(୬) ଅଧୀନ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲେ।

୫. ୨୯ ନଭେମ୍ବର , ୨୦୧୯ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଣେ ଏକକ ବିଚାରପତି ୧୯୯୬ ଅଧିନିୟମର ଧାରା ୧୧ ଅଧୀନରେ ଏକମାତ୍ର ମଧ୍ୟସ୍ଥ ନିଯୁକ୍ତ କରି ଆବେଦନକୁ ମଞ୍ଜୁର କରିଥିଲେ। ଉଚ୍ଚ ନ୍ୟାୟାଳୟ ଙ୍କ ରାୟର ପ୍ରାସଙ୍ଗିକ ଅଂଶ ନିମ୍ନରେ ଦିଆଗଲା:

> "୩. ଉଭୟ ପକ୍ଷର ଶ୍ରୀମାନ ଓକିଲ 'ଚୁକ୍ତି ରାଜିନାମା' ର ଅନୁବିଧି ୧୫, ପକ୍ଷଙ୍କ ମଧ୍ୟରେ କୌଣସି ବିବାଦ କିମ୍ବା ମତଭେଦ ଦେଖାଦେଲେ 'ବିବାଦ / ମଧ୍ୟସ୍ଥତା ର ସମାଧାନ' ବ୍ୟବସ୍ଥା ପ୍ରଦାନ କରୁଛି, ଏହାର ବିରୋଧ କରୁନାହାନ୍ତି ।
>
> ୪. ବିପକ୍ଷ ଦଳର ଶ୍ରୀମାନ୍ ଓକିଲ ଶ୍ରୀ ଆର. ଶର୍ମା , ଯୋଗ୍ୟତା ଉପରେ ଭିନ୍ନ ଯୁକ୍ତି ବାଢ଼ିଛନ୍ତି । ସେ ୧୪ ଡିସେମ୍ବର ୨୦୧୧ ତାରିଖର ଚିଠିର ଅନୁବିଧି ୧୯ (ଅନୁଲଗ୍ନକ-୩ ) କୁ ମଧ୍ୟ ଏହି ନ୍ୟାୟାଳୟର ଦୃଷ୍ଟିକୁ ଆଣିଛନ୍ତି, ଯାହାକି ନିମ୍ନରେ ଦିଆଗଲା:
>
> "୧୯. ଏହି ଟେଣ୍ଡର ଏବଂ କାର୍ଯ୍ୟାଦେଶ ଆଧାରରେ ଟେଣ୍ଡର , କାର୍ଯ୍ୟାଦେଶ ଏବଂ ପରବର୍ତ୍ତୀ ଚୁକ୍ତି ରାଜିନାମାକୁ ନେଇ ସୃଷ୍ଟି ହେଉଥିବା କୌଣସି ବିବାଦ କିମ୍ବା ମତଭେଦ କେବଳ ଜିଲ୍ଲା ନ୍ୟାୟାଳୟ, ଅନୁଗୁଳ ଅଧୀନରେ ରହିବ ।"
>
> ୫. ଯାହାହେଉ , (୨୦୧୯ ) ୮ ଏସ.ସି.ସି. ୭୧୪ ରେ ରିପୋର୍ଟ କରାଯାଇଥିବା ମାୟାବତୀ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ ବନାମ ପ୍ରଦ୍ୟୁତ ଦେବ ବର୍ମନ୍ ମାମଲାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଅଦାଲତକୁ ମଧ୍ୟସ୍ଥତା ଅନୁବିଧି ଉପରେ ନଜର ଦେବାକୁ ହେବ ।"

[2] "୧୯୯୬ ଅଧିନିୟମ "

୬ . ଆବେଦନକାରୀଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ କେ. କେ. ଭେନୁଗୋପାଳ ଏବଂ ଉତ୍ତରଦାତାଙ୍କ ପକ୍ଷରୁ ବରିଷ୍ଠ ଓକିଲ ଏସ୍ . ନିରଞ୍ଜନ ରେଡ୍ଡୀ ହାଜର ହୋଇଥିଲେ ।

୭ . ଆବେଦନକାରୀଙ୍କ ତରଫରୁ ଆଟର୍ଣ୍ଣି ଜେନେରାଲ ଯୁକ୍ତି ରଖିଛନ୍ତି ଯେ ୩୦ ଜାନୁୟାରୀ ୨୦୧୨ ତାରିଖରେ ହୋଇଥିବା ଚୁକ୍ତି ରାଜିନାମାର ଅନୁବିଧି ୧୫ ମଧ୍ୟସ୍ଥତା ରାଜିନାମା ଗଠନ କରୁନାହିଁ । ତେଣୁ ଅନୁରୋଧ କରାଯାଇଛି ଯେ ୧୯୯୬ ଅଧିନିୟମର ଧାରା ୨ (ଖ ) ଏବଂ ୭ ଅଧୀନରେ ମଧ୍ୟସ୍ଥତା ବୁଝାମଣାର ଅନୁପସ୍ଥିତି କ୍ଷେତ୍ରରେ ଧାରା ୧୧ (୬ ) ଅନ୍ତର୍ଗତ ନ୍ୟାୟିକ ଅଧିକାର ପ୍ରୟୋଗ କରିବା ବୈଧ ନୁହେଁ । ଏହି ଉପସ୍ଥାପନକୁ ଉଲ୍ଲେଖ କରିବା ଲାଗି ଚୁକ୍ତି ରାଜିନାମାର ଅନୁବିଧି ୧୫ କୁ ଉଦ୍ଧୃତ କରିବା ଆବଶ୍ୟକ । ଏହି ବ୍ୟବସ୍ଥା ନିମ୍ନରେ ଦିଆଗଲା :

> "୧୫. ବିବାଦର ସମାଧାନ / ମଧ୍ୟସ୍ଥତା :
>
> ୧୫ .୧ ସମ୍ପାଦନ ସମୟରେ ମାମଲା ଏବଂ ବିବାଦରୁ ଏଡ଼ାଇ ରହିବା ଠିକାଦାରର ଦାୟିତ୍ୱ । ତେବେ ଯଦି ଠିକାଦାର ଏବଂ ବିଭାଗ ମଧ୍ୟରେ ଏଭଳି ବିବାଦ ସୃଷ୍ଟି ହୁଏ ତେବେ ପ୍ରଥମେ କମ୍ପାନୀ ସ୍ତରରେ ଏହାର ସମାଧାନ ପାଇଁ ପ୍ରୟାସ କରାଯିବ । ଠିକାଦାର ଏଭଳି ବିବାଦ/ଦାବି ସୃଷ୍ଟି ହେବାର ୩୦ (ତିରିଶ ) ଦିନ ମଧ୍ୟରେ ଏହାର ସମାଧାନ ଲାଗି ଲିଖିତ ଆକାରରେ ଇଞ୍ଜିନିୟର-ଇନ୍-ଚାର୍ଜ କୁ ଅନୁରୋଧ କରିବେ , ଯଦି ଏପରି ନ ହୁଏ ତେବେ ଠିକାଦାରଙ୍କ କୌଣସି ବିବାଦ/ଦାବି ଉପରେ କମ୍ପାନୀ ବିଚାର କରିବ ନାହିଁ
>
> ୧୫.୨ ଯଦି ମତଭେଦ ଜାରି ରହେ, ତେବେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା / ନୀତି - ନିୟମସମୂହ ଅନୁଯାୟୀ ସରକାରୀ ସଂସ୍ଥାମାନଙ୍କ ସହିତ ରହିଥିବା ବିବାଦର ସମାଧାନ କରାଯିବ । ସରକାରୀ ସଂସ୍ଥା ବ୍ୟତୀତ ଅନ୍ୟ ପକ୍ଷଙ୍କ କ୍ଷେତ୍ରରେ ବିବାଦର ସମାଧାନ ଆଇନ ଅଦାଲତରେ କରାଯାଇପାରିବ ।''

୮. ୧୯୯୬ ଅଧିନିୟମର ଧାରା ୨(ଖ) ମଧ୍ୟସ୍ଥତା ରାଜିନାମାକୁ ଧାରା ୭ ର ଉଲ୍ଲିଖିତ ରାଜିନାମା ଭାବେ ପରିଭାଷିତ କରିଛି । ଧାରା ୭ ର ସର୍ତ୍ତାବଳୀ ଅନୁଯାୟୀ ମଧ୍ୟସ୍ଥତା ରାଜିନାମା , ଏକ ରାଜିନାମା ଯାହା ପକ୍ଷଙ୍କ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ଆଇନଗତ ଦୃଷ୍ଟିରୁ ସମ୍ପର୍କରେ ଉପୁଜିଥିବା କିମ୍ବା ଉପୁଜିବା ସମ୍ଭାବନା ରହିଥିବା ସମସ୍ତ ବିବାଦ କିମ୍ବା କେତେକ ବିବାଦକୁ ମଧ୍ୟସ୍ଥତା ପାଇଁ ଉପସ୍ଥାପନ କରିଥାଏ, ତାହା ଚୁକ୍ତିଭିତ୍ତିକ ହେଉ କିମ୍ବା ନ ହେଉ । ଧାରା ୭ ର ଉପ-ଧାରା (୨) ଅନୁଯାୟୀ ମଧ୍ୟସ୍ଥତା ରାଜିନାମା , ଚୁକ୍ତିନାମାରେ ଏକ ମଧ୍ୟସ୍ଥତା ଅନୁବିଧି ରୂପରେ ହୋଇପାରେ କିମ୍ବା ଏକ ପୃଥକ ରାଜିନାମା ରୂପରେ ହୋଇପାରେ । ଧାରା ୭ ର ଉପ-ଧାରା (୩) ଅନୁଯାୟୀ ମଧ୍ୟସ୍ଥତା ରାଜିନାମା ଲିଖିତ ରୂପରେ ହେବା ଆବଶ୍ୟକ । ଧାରା ୭ ର ଉପଧାରା (୪ ) ରେ ଏହା ଉଲ୍ଲେଖ ରହିଛି ଯେ :

> "(୪) ମଧ୍ୟସ୍ଥତା ବୁଝାମଣା ଲିଖିତ ରୂପରେ ଅଛି , ଯଦି –
>
> (କ) ଏକ ଦସ୍ତାବିଜ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ଅଛି ;

(ଖ) ପତ୍ର, ଟେଲେକ୍ସ, ଟେଲିଗ୍ରାମ କିମ୍ବା ଅନ୍ୟ କୌଣସି ଦୂରସଞ୍ଚାର ଯୋଗାଯୋଗ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ ଯୋଗାଯୋଗ ହୋଇଥାଏ ଯାହା ରାଜିନାମାର ରେକର୍ଡ଼ ପ୍ରଦାନ କରୁଥାଏ; ଅଥବା

(ଗ) ଦାବି ଏବଂ ପ୍ରତିରକ୍ଷା କଥାର ଆଦାନପ୍ରଦାନ ଯେଉଁଥିରେ ଏକ ପକ୍ଷଦ୍ୱାରା ରାଜିନାମାର ଅସ୍ତିତ୍ୱକୁ ବିରୋଧ କରାଯାଇଥାଏ ଏବଂ ଅନ୍ୟ ପକ୍ଷଦ୍ୱାରା ଏହାକୁ ଅସ୍ୱୀକାର କରାଯାଇନଥାଏ ।"

୯ . ଜଗଦୀଶ ଚନ୍ଦ୍ର ବନାମ ରମେଶ ଚନ୍ଦର[3] ମାମଲାରେ, ଏହି ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ, କେ. କେ. ମୋଦୀ ବନାମ କେ. ଏନ. ମୋଦୀ,[4] ଭାରତ ଭୂଷଣ ବଂସଲ ବନାମ ୟୁପି ଲଘୁ ଉଦ୍ୟୋଗ ନିଗମ ଲିମିଟେଡ,[5] ବିହାର ରାଜ୍ୟ ଖଣିଜ ବିକାଶ ନିଗମ ବନାମ ଏନକନ ବିଲ୍ଡର୍ସ (ଆଇ) (ପି) ଲିମିଟେଡ,[6] ଏବଂ ଓଡ଼ିଶା ରାଜ୍ୟ ବନାମ ଦାମୋଦର ଦାସ[7] ମାମଲାରେ ପୂର୍ବରୁ ଦିଆଯାଇଥିବା ରାୟକୁ ଆଧାର କରି , ମଧ୍ୟସ୍ଥତା ରାଜିନାମାକୁ ପରିଚାଳନା କରୁଥିବା ସିଦ୍ଧାନ୍ତଗୁଡ଼ିକୁ ପରିଗଣନା କରିଥିଲେ । ଖଣ୍ଡପୀଠ ତରଫରୁ ଜଷ୍ଟିସ ଆର. ଭି. ରବୀନ୍ଦ୍ରନ କହିଥିଲେ ଯେ ମଧ୍ୟସ୍ଥତା ରାଜିନାମାରେ ବ୍ୟବହୃତ ଶବ୍ଦଗୁଡ଼ିକ ବିବାଦକୁ ମଧ୍ୟସ୍ଥତା ପାଖକୁ ପଠାଇବା ଲାଗି ପକ୍ଷମାନଙ୍କର ଏକ ଦୃଢ ସଂକଳ୍ପ ଏବଂ ଉତ୍ତରଦାୟିତ୍ୱ ପ୍ରକାଶ ହେଉଥିବା ଉଚିତ ।ଏହି ନ୍ୟାୟାଳୟ ରାୟ ଦେଇ ଶୁଣାଇଛନ୍ତି :

"୮(i) ମଧ୍ୟସ୍ଥତା ରାଜିନାମା କରିବା ଲାଗି ପକ୍ଷମାନଙ୍କର ଉଦ୍ଦେଶ୍ୟକୁ ରାଜିନାମାର ସର୍ତ୍ତାବଳୀରୁ ସଂଗ୍ରହ କରିବାକୁ ହେବ । ଯଦି ରାଜିନାମାର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ଦର୍ଶାଇଥାଏ ଯେ ପକ୍ଷମାନେ ସେମାନଙ୍କ ବିବାଦର ନ୍ୟାୟିକ ନିଷ୍ପତ୍ତି ପାଇଁ ଏକ ଘରୋଇ ନ୍ୟାୟାଧିକାରଣକୁ ପଠାଇବାକୁ ଚାହୁଁଛନ୍ତି ଏବଂ ଏପରି ବିବାଦର ସମାଧାନ ଲାଗି ଏପରି ନ୍ୟାୟାଧିକାରଣର ନିଷ୍ପତ୍ତିକୁ ମାନିନେବାକୁ ଚାହୁଁଛନ୍ତି , ତେବେ ତାହା ମଧ୍ୟସ୍ଥତା ରାଜିନାମା । **ଯେତେବେଳେ ମଧ୍ୟସ୍ଥତା ରାଜିନାମାର କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ନାହିଁ , ସେତେବେଳେ ବ୍ୟବହୃତ ଶବ୍ଦଗୁଡ଼ିକ ମଧ୍ୟସ୍ଥତା ପାଇଁ ଏକ ସଂକଳ୍ପ ଏବଂ ଉତ୍ତରଦାୟିତ୍ୱ ପ୍ରକଟ କରୁଥିବା ଉଚିତ ଏବଂ କେବଳ ମଧ୍ୟସ୍ଥତା ପାଇଁ ଯିବାର ସମ୍ଭାବନା ଦେଖାଉଥିବା ଉଚିତ ନୁହେଁ । ଯେଉଁଠାରେ ଭବିଷ୍ୟତରେ ମଧ୍ୟସ୍ଥତା ପାଇଁ ଉଭୟ ପକ୍ଷ ସହମତ ହେବାର ସମ୍ଭାବନା ରହିଥାଏ ଯାହା ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଇବା ଦାୟିତ୍ୱର ବିପରୀତ ଅଟେ , ସେତେବେଳେ ମଧ୍ୟସ୍ଥତା ରାଜିନାମା ବୈଧ ଏବଂ ବାଧ୍ୟତାମୂଳକ ନଥାଏ ।**

(ii). ଯଦି "ମଧ୍ୟସ୍ଥତା" ଏବଂ "ମଧ୍ୟସ୍ଥତା ନ୍ୟାୟାଧିକାରଣ (କିମ୍ବା ମଧ୍ୟସ୍ଥତା କରୁଥିବା ମଧ୍ୟସ୍ଥି)" ଶବ୍ଦ ସମାଧାନ ପ୍ରକ୍ରିୟା କିମ୍ବା, ବିବାଦ ଉପରେ ନ୍ୟାୟ ଦେଉଥିବା ଘରୋଇ ନ୍ୟାୟାଧିକରଣଙ୍କ ସନ୍ଦର୍ଭରେ ବ୍ୟବହାର କରାଯାଇନଥାଏ , ବିବାଦର ସମାଧାନ ସମ୍ବନ୍ଧୀୟ ଏକ ଅନୁବିଧିରେ, ଯଦି ମଧ୍ୟସ୍ଥତା ରାଜିନାମାର ବିଶେଷତ୍ୱ କିମ୍ବା ଉପାଦାନ ରହିଛି, ତେବେ ଏହା ମଧ୍ୟସ୍ଥତା ରାଜିନାମାରୁ ବାଦ ଦେବ ନାହିଁ । ସେଗୁଡ଼ିକ ହେଲା : (କ) ବୁଝାମଣା ଲିଖିତ ଭାବେ ହେବା ଉଚିତ । (ଖ) ପକ୍ଷମାନେ ସେମାନଙ୍କ ମଧ୍ୟରେ କୌଣସି ବିବାଦ (ବର୍ତ୍ତମାନର କିମ୍ବା

[3] (୨୦୦୭) ୫ ଏସସିସି ୭୧୯
[4] (୧୯୯୮) ୩ ଏସସିସି ୫୭୩
[5] (୧୯୯୯) ୨ ଏସସିସି ୧୬୬
[6] (୨୦୦୩) ୭ ଏସସିସି ୪୧୮
[7] (୧୯୯୬) ୨ ଏସସିସି ୨୧୬

ଭବିଷ୍ୟତର) ଘରୋଇ ନ୍ୟାୟାଧିକରଣର ନିଷ୍ପତ୍ତିକୁ ପଠାଇବା ଲାଗି ସହମତ ହେବା ଉଚିତ । (ଗ) ଘରୋଇ ନ୍ୟାୟାଧିକରଣ ପକ୍ଷମାନଙ୍କୁ ସେମାନଙ୍କ ମାମଲା ଉପସ୍ଥାପନ କରିବା ଲାଗି ଉଚିତ ସୁଯୋଗ ପ୍ରଦାନପୂର୍ବକ ନିରପେକ୍ଷ ଢଙ୍ଗରେ ବିବାଦ ଉପରେ ନ୍ୟାୟ ପ୍ରଦାନ କରିବା ଲାଗି କ୍ଷମତାପ୍ରାପ୍ତ ହେବା ଉଚିତ । (ଘ) ପକ୍ଷମାନେ ସହମତ ହେବା ଉଚିତ ଯେ ବିବାଦ ସମ୍ବନ୍ଧରେ ଘରୋଇ ନ୍ୟାୟାଧିକରଣର ନିଷ୍ପତ୍ତି ଗ୍ରହଣ କରିବା ସେମାନଙ୍କ ଉପରେ ବାଧ୍ୟତାମୂଳକ ହେବ।

(iii) ଯେଉଁଠାରେ ଅନୁବିଧି ବ୍ୟବସ୍ଥା କରେ ଯେ ପକ୍ଷମାନଙ୍କ ମଧ୍ୟରେ ଉତ୍ପନ୍ନ ହେଉଥିବା ବିବାଦ ସ୍ଥିତିରେ, ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଯିବ, ତେବେ ତାହା ଏକ ମଧ୍ୟସ୍ଥତା ରାଜିନାମା ଅଟେ । ଯେଉଁଠାରେ ମଧ୍ୟସ୍ଥତା ଦ୍ୱାରା ବିବାଦର ସମାଧାନ କରାଯିବାର ଏକ ନିର୍ଦ୍ଦିଷ୍ଟ ଏବଂ ସିଧାସଳଖ ଅଭିବ୍ୟକ୍ତି ରହିଛି , ସେଠାରେ ଏହାକୁ ମଧ୍ୟସ୍ଥତା ରାଜିନାମାର ମାନ୍ୟତା ଦେବା ଲାଗି ମଧ୍ୟସ୍ଥତା ରାଜିନାମାର ଗୁଣବତ୍ତା ନିର୍ଦ୍ଧାରଣ କରିବା ଆବଶ୍ୟକ ନୁହେଁ । **କିନ୍ତୁ ଯେଉଁଠାରେ ବିବାଦର ସମାଧାନ ସହ ଜଡ଼ିତ ଅନୁବିଧି ବିଦ୍ୟମାନ, ଯେଉଁଠାରେ କି କୌଣସି ମଧ୍ୟସ୍ଥତା ରାଜିନାମାର କୌଣସି ବିଶେଷତାକୁ କିମ୍ବା କୌଣସି ମଧ୍ୟସ୍ଥତା ରାଜିନାମାକୁ ବାହାର କରିଦିଆଯାଇଛି , ତାହା ମଧ୍ୟସ୍ଥତା ରାଜିନାମା ହେବ ନାହିଁ । ଉଦାହରଣସ୍ୱରୂପ, ଯେତେବେଳେ କୌଣସି ରାଜିନାମାରେ କୌଣସି ଅଧିକାରୀଙ୍କ ଦ୍ୱାରା ବିନା ଶୁଣାଣିରେ କୌଣସି ଦାବି କିମ୍ବା ବିବାଦ ଉପରେ ନିଷ୍ପତ୍ତି ନେବାର ଆବଶ୍ୟକତା ଅଛି କିମ୍ବା ଅନୁମତି ଦିଆଯାଇଛି , କିମ୍ବା କେବଳ ଗୋଟିଏ ପକ୍ଷଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଲାଗି ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି , କିମ୍ବା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ପକ୍ଷଙ୍କ ଉପରେ ବାଧ୍ୟତାମୂଳକ ନୁହେଁ ବୋଲି କୁହାଯାଇଛି , କିମ୍ବା ଯଦି ଅଧିକାରୀଙ୍କ ନିଷ୍ପତ୍ତିରେ କୌଣସି ପକ୍ଷ ସନ୍ତୁଷ୍ଟ ନ ହେଲେ ତେବେ ସେ ରିଲିଫ ପାଇଁ ଦେୱାନୀ ମାମଲା ଦାୟର କରିପାରିବେବୋଲି କୁହାଯାଇଛି , ତେବେ ଏହାକୁ ମଧ୍ୟସ୍ଥତା ରାଜିନାମା ବୋଲି କୁହାଯାଇପାରିବ ନାହିଁ**

**(iv) କିନ୍ତୁ କୌଣସି ଅନୁବିଧି ରେ କେବଳ 'ମଧ୍ୟସ୍ଥତା' କିମ୍ବା 'ମଧ୍ୟସ୍ଥି' ଶବ୍ଦ ବ୍ୟବହାର କଲେ ତାହା ମଧ୍ୟସ୍ଥତା ରାଜିନାମାରେ ପରିଣତ ହେବ ନାହିଁ, ଯଦି ମଧ୍ୟସ୍ଥତା ପାଇଁ ପକ୍ଷଙ୍କ ଠାରୁ ପରବର୍ତ୍ତୀ କିମ୍ବା ସଦ୍ୟ ସହମତିର ଅନୁଧ୍ୟାନ କିମ୍ବା ଆବଶ୍ୟକତା ହୁଏ।**

ଉଦାହରଣ ସ୍ୱରୂପ, "ପକ୍ଷମାନେ ଯଦି ଚାହିଁବେ ତେବେ ସେମାନେ ସେମାନଙ୍କ ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଇ ପାରିବେ" କିମ୍ବା "କୌଣସି ବିବାଦର ସ୍ଥିତିରେ, ପକ୍ଷମାନେ ମଧ୍ୟ ତାହାକୁ ମଧ୍ୟସ୍ଥତା ପାଇଁ ପଠାଇବାକୁ ସମ୍ମତ ହେବେ " କିମ୍ବା " ମଧ୍ୟସ୍ଥତା ଦ୍ୱାରା ସମାଧାନ କରିବା ସମ୍ବନ୍ଧୀୟ ଏକ ଅନୁବିଧିରେ ଯଦି ପକ୍ଷମାନଙ୍କ ମଧ୍ୟରେ କୌଣସି ବିବାଦ ଉପୁଜିଥାଏ, ସେମାନେ ବିବାଦର ସମାଧାନ ବିଚାର କରିବା ଉଚିତ" "ଭଳି ଶବ୍ଦର ବ୍ୟବହାର ଦ୍ୱାରା ସୂଚିତ ହୋଇଥାଏ ଯେ ଏହି ଅନୁବିଧି ମଧ୍ୟସ୍ଥତା ରାଜିନାମା ହେବାର ଉଦ୍ଦେଶ୍ୟ ନାହିଁ । ସେହିପରି ଏପରି ଏକ ଅନୁବିଧି ଯେଉଁଥିରେ କୁହାଯାଇଛି ଯେ "ଯଦି ପକ୍ଷମାନେ ଏପରି ନିଷ୍ପତ୍ତି ନେଉଛନ୍ତି, ତେବେ ବିବାଦଗୁଡ଼ିକୁ ମଧ୍ୟସ୍ଥତା ପାଇଁ ପଠାଯିବ" କିମ୍ବା "ପକ୍ଷମାନଙ୍କ ମଧ୍ୟରେ କୌଣସି ବିବାଦକୁ ଯଦି ସେମାନେ ସହମତ ହୁଅନ୍ତି, ତେବେ ସେମାନଙ୍କୁ ମଧ୍ୟସ୍ଥତା ପାଇଁ ପଠାଯିବ",ତେବେ ଏହା ମଧ୍ୟସ୍ଥତା ରାଜିନାମା ନୁହେଁ । **ଏଭଳି ଅନୁବିଧିଗୁଡ଼ିକ କେବଳ ମଧ୍ୟସ୍ଥତା ଦ୍ୱାରା ବିବାଦର ସମାଧାନ କରାଯିବାର ଇଚ୍ଛା କିମ୍ବା ଆଶାକୁ ସୂଚୀତ କରିଥାଏ କିମ୍ବା ଯେତେବେଳେ କୌଣସି ବିବାଦ ଉପୁଜୁଛି, ସେତେବେଳେ ମଧ୍ୟସ୍ଥତା ଦ୍ୱାରା ବିବାଦର ସମାଧାନ**

**କରାଯିବାର ଏକ ଅସ୍ଥାୟୀ ବ୍ୟବସ୍ଥା କରିଥାଏ । ଯେତେବେଳେ ବି ବିବାଦ ଉପୁଜୁଛି , ସେତେବେଳେ ମଧ୍ୟସ୍ଥତା ପାଇଁ ଏହି ପକ୍ଷମାନଙ୍କୁ ପରବର୍ତ୍ତୀ ରାଜିନାମା ପାଇଁ ଯିବାକୁ ଏହି ଅନୁବିଧିଗୁଡିକ ଆବଶ୍ୟକ କରନ୍ତି । କୌଣସି ରାଜିନାମା କିମ୍ବା କୌଣସି ଅନୁବିଧିରେ ମଧ୍ୟସ୍ଥତା ପାଇଁ ଅଧିକ ସହମତି କିମ୍ବା ମତର ଐକତା ଆବଶ୍ୟକ କରିବା କିମ୍ବା ବିଚାର କରିବା ସ୍ଥଳେ , ଏହା ମଧ୍ୟସ୍ଥତା ରାଜିନାମା ନୁହେଁ, ବରଂ ଭବିଷ୍ୟତରେ ମଧ୍ୟସ୍ଥତା ଚୁକ୍ତିରେ ପ୍ରବେଶ କରିବା ଲାଗି ଏକ ରାଜିନାମା ।**

(ଗୁରୁତ୍ୱ ପ୍ରଦାନ କରାଯାଇଛି)

୧୦ . ବର୍ତ୍ତମାନର ମାମଲାରେ, ଚୁକ୍ତି ରାଜିନାମାର ଅନୁବିଧି ୧୫ ର ଶୀର୍ଷକ "ବିବାଦ / ମଧ୍ୟସ୍ଥତା ସମାଧାନ" ରଖାଯାଇଛି । ତେବେ ଏହି ବ୍ୟବସ୍ଥାର ଅଧିଷ୍ଠାୟୀ ଅଂଶ ଏହା ସୁସ୍ପଷ୍ଟ କରୁଛି ଯେ ବର୍ତ୍ତମାନର କିମ୍ବା ଭବିଷ୍ୟତର ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଇବା ଲାଗି ସହମତି ପକ୍ଷଙ୍କ ମଧ୍ୟରେ କୌଣସି ମଧ୍ୟସ୍ଥତା ରାଜିନାମା ଥିବା ସୂଚାଉନାହିଁ ।

୧୧. ଅନୁବିଧି ୧୫ .୧ ରେ ପକ୍ଷଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପର ଉଲ୍ଲେଖ ରହିଛି । ଅନୁବିଧି ୧୫ .୨ ଅନୁଯାୟୀ ଯଦି ମତଭେଦ ଜାରି ରହେ, ତେବେ ସରକାରୀ ସଂସ୍ଥାମାନଙ୍କ ସହିତ ବିବାଦର ସମାଧାନ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ କରାଯିବ । ସରକାରୀ ସଂସ୍ଥା ବ୍ୟତୀତ ଅନ୍ୟ କୌଣସି ପକ୍ଷଙ୍କ କ୍ଷେତ୍ରରେ ବିବାଦର ସମାଧାନ ଅଦାଲତରେ କରିବାକୁ ପଡିବ।

୧୨. ଜେ. ଚେଲାମେଶ୍ୱର ଏବଂ ଏ. କେ. ସିକ୍ରି, ବିଚାରପତିଙ୍କୁ ନେଇ ଗଠିତ ଏହି ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା **ଆଇ ବି ଭ୍ୟାଲି ଟ୍ରାନ୍ସପୋର୍ଟ, ବିଜୟ ଲକ୍ଷ୍ମୀ (ପି) ଲିମିଟେଡ ବନାମ ମହାନଦୀ କୋଲଫିଲ୍ଡସ ଲିମିଟେଡ,**[8] ମାମଲାରେ ବର୍ତ୍ତମାନର ମାମଲାର ଚୁକ୍ତି ରାଜିନାମାର ଅନୁବିଧି ୧୫ ଭଳି ଏକ ଅନୁବିଧି ଉପରେ ବିଚାର କରିଥିଲେ । ଉପଯୁକ୍ତ ଆଇନଗତ ପ୍ରତିକାର ନେବା ପୂର୍ବରୁ କମ୍ପାନୀ ସ୍ତରରେ ଏକ ବିକଳ୍ପ ପ୍ରତିକାର ରୂପେ ଏହି ଅନୁବିଧିକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ଉକ୍ତ ମାମଲା ରେ ବାଖ୍ୟା କରାଯାଇଥିଲା । ଏଥିପ୍ରତି ଧ୍ୟାନ ଦିଆଯାଇଛି :

"୧୦. ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ **ସାଧାରଣ ନିୟମ ଏବଂ ସର୍ତ୍ତାବଳୀର ଅନୁବିଧି ୧୨ ଆଇନଗତ ଉପାୟ ଅବଲମ୍ବନ କରିବା ପୂର୍ବରୁ ବିବାଦ ସମାଧାନ ବ୍ୟବସ୍ଥାର ବ୍ୟବସ୍ଥା କରିଥାଏ ।** ଏହି ଅନୁବିଧି ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରୁଛି ଯେ କାର୍ଯ୍ୟକାରୀ କରିବା ସମୟରେ ମାମଲା ଏବଂ ବିବାଦକୁ ଏଡ଼ାଇବା ଠିକାଦାରର ଦାୟିତ୍ୱ । **ଯଦି ଠିକାଦାର ଏବଂ ବିଭାଗ ମଧ୍ୟରେ କୌଣସି ବିବାଦ ସୃଷ୍ଟି ହୁଏ, ତେବେ ପ୍ରଥମେ କମ୍ପାନୀ ସ୍ତରରେ ବିବାଦର ସମାଧାନ ପାଇଁ ପ୍ରୟାସ କରାଯିବ । ଏତଦ୍ ବ୍ୟତୀତ, ଏହି ଧାରାରେ କୁହାଯାଇଛି ଯେ ଠିକାଦାରମାନେଏପରି ବିବାଦ/ଦାବି ସୃଷ୍ଟି ହେବାର ୩୦ ଦିନ ମଧ୍ୟରେ ସମାଧାନ ଲାଗି ଇଞ୍ଜିନିୟରିଂ- ଇନ - ଚାର୍ଜଙ୍କୁ ଲିଖିତ ଭାବେ ଅନୁରୋଧ କରିବା ଉଚିତ ।"**

(ଗୁରୁତ୍ୱ ପ୍ରଦାନ କରାଯାଇଛି)

[8] (୨୦୧୪) ୧୦ ଏସ୍ ସି ସି ୬୩୦

୧୩ . ଉପରୋକ୍ତ ଉଦ୍ଧୃତିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ଚୁକ୍ତି ରାଜିନାମାର ଅନୁବିଧି ୧୫ ମଧ୍ୟସ୍ଥତା ରାଜିନାମା ନୁହେଁ ବରଂ କମ୍ପାନୀ ସ୍ତରରେ ଏକ ବିବାଦ ସମାଧାନ ବ୍ୟବସ୍ଥା । ଫଳସ୍ୱରୂପ, ବିବାଦର ମାମଲାରେ , ବିବାଦର ସମାଧାନ ପାଇଁ ଉତ୍ତରଦାତାଙ୍କୁ ଇଞ୍ଜିନିୟରିଂ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଲେଖିବାର ଥିଲା । ଅନୁବିଧି ୧୫, ୧୯୯୬ ଅଧିନିୟମର ଧାରା ୭ ଏବଂ ଜଗଦୀଶ ଚନ୍ଦର (ଉପରୋକ୍ତ) ଅଧୀନରେ ନିର୍ଦ୍ଧାରିତ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ମଧ୍ୟସ୍ଥତା ରାଜିନାମାର ଆବଶ୍ୟକତା ସହିତ ସାମଞ୍ଜସ୍ୟ କରିନଥାଏ । ଉପରୋକ୍ତ ସର୍ତ୍ତକୁ ସରଳ ଭାବେ ପଢ଼ିବା ଦ୍ୱାରା ଏହାର ଆମଦାନୀ ଉପରେ କୌଣସି ସନ୍ଦେହ ରହିବ ନାହିଁ । ବର୍ତ୍ତମାନର କିମ୍ବା ଭବିଷ୍ୟତର ବିବାଦକୁ ମଧ୍ୟସ୍ଥତାକୁ ପଠାଇବା ଲାଗି କୌଣସି ଲିଖିତ ଚୁକ୍ତି ନାହିଁ । ଅନୁବିଧି ୮ (୨୦୧୪ ) ୧୦ ଏସସିସି ୬୩୦ ର ମୌଳିକ ଅଂଶ ମଧ୍ୟସ୍ଥତାକୁ ସମାଧାନ ମାଧ୍ୟମ ଭାବେ ଉଲ୍ଲେଖ କରୁନାହିଁ କିମ୍ବା ଏଥିରେ ମଧ୍ୟସ୍ଥତା ପକ୍ଷଙ୍କ ମଧ୍ୟରେ ବିବାଦର ସନ୍ଦର୍ଭରେ କୌଣସି ବ୍ୟବସ୍ଥା ନାହିଁ । ଉଭୟ ପକ୍ଷଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ଲାଗି ମଧ୍ୟସ୍ଥି ଭାବେ ଇଞ୍ଜିନିୟର ଇନ-ଚାର୍ଜ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଲାଗି କୌଣସି ପକ୍ଷର ଉଦ୍ଦେଶ୍ୟ ଏହା ପ୍ରକାଶ କରିନଥାଏ । ଏହା ବ୍ୟତୀତ ଏହି ଧାରା ଦାୟିତ୍ୱରେ ଥିବା ଇଞ୍ଜିନିୟର କିମ୍ବା ଅନ୍ୟ କୌଣସି ମଧ୍ୟସ୍ଥଙ୍କ ନିଷ୍ପତ୍ତି ଚୂଡ଼ାନ୍ତ କିମ୍ବା ପକ୍ଷଙ୍କ ଉପରେ ବାଧ୍ୟତାମୂଳକ ନୁହେଁ । ତେଣୁ ଚୁକ୍ତି ରାଜିନାମାର ଅନୁବିଧି ୧୫ କୁ ମଧ୍ୟସ୍ଥତା ଚୁକ୍ତି ଭାବେ ଗ୍ରହଣ କରିବା ଉଚ୍ଚ ନ୍ୟାୟାଳୟର ଭୁଲ୍ ଥିଲା ।

୧୪. ତେବେ ପ୍ରତିବାଦୀଙ୍କ ତରଫରୁ ଶ୍ରୀ ଏସ ନିରଞ୍ଜନ ରେଡ୍ଡୀ ଅନୁରୋଧ କରିଥିଲେ ଯେ ପ୍ରଥମ ଆବେଦନକାରୀ ସିଆଇଏଲର ସହାୟକ ସଂସ୍ଥା । ଉପରୋକ୍ତ ଚିଠିର ଅନୁବିଧି ୫ ରେ ନିମ୍ନଲିଖିତ ବ୍ୟବସ୍ଥା ରହିଛି:

"ପୂର୍ବ/ବର୍ତ୍ତମାନର କାର୍ଯ୍ୟ ଆଦେଶ/ଚୁକ୍ତି:

> ୫. ବର୍ତ୍ତମାନର କାର୍ଯ୍ୟ ଆଦେଶ/ଚୁକ୍ତିରେ ବିବାଦ/ମତଭେଦ ସୃଷ୍ଟି ହେଲେ ନିଯୁକ୍ତିଦାତା (ବିଭାଗ) ମଧ୍ୟସ୍ଥତା ପ୍ରକ୍ରିୟା ଜରିଆରେ ଏହାର ସମାଧାନ ପାଇଁ ପ୍ରକ୍ରିୟା ଗ୍ରହଣ କରିବେ । ଯେହେତୁ ଆପଣମାନେ ଜାଣନ୍ତି ଯେ ସିଆଇଏଲ ପ୍ରକରଣ ପୁସ୍ତିକା ( ମାନୁଆଲ) କିମ୍ବା ଚୁକ୍ତି ଦସ୍ତାବିଜରେ ବର୍ତ୍ତମାନ ମଧ୍ୟସ୍ଥତା ସମ୍ବନ୍ଧୀୟ କୌଣସି ଅନୁବିଧି ନାହିଁ , ତେଣୁ ବିବାଦ / ମତଭେଦକୁ ସିଧାସଳଖ ମଧ୍ୟସ୍ଥତା ପାଖକୁ ପଠାଯାଇପାରିବ ନାହିଁ । ତେଣୁ ଏହି ମାମଲାକୁ ମଧ୍ୟସ୍ଥତା ପାଖକୁ ପଠାଇବା ପୂର୍ବରୁ ଅନ୍ୟ ପକ୍ଷର (ଠିକାଦାର) ସହମତି ଆବଶ୍ୟକ । ଥରେ ଠିକାଦାର ମଧ୍ୟସ୍ଥତା ମାଧ୍ୟମରେ ଠିକା କାରଣରୁ ସୃଷ୍ଟି ହେଉଥିବା ବିବାଦ / ମତଭେଦକୁ ସମାଧାନ କରିବା ଲାଗି ସହମତ ହୋଇଗଲେ , ସି ଆଇ ଏଲ ର ସକ୍ଷମ ପ୍ରାଧିକରଣ / ସହାୟକ ସଂସ୍ଥାଗୁଡ଼ିକର ସି ଏମ ଡି ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ବିବାଦ / ମତଭେଦକୁ ଏକମାତ୍ର ମଧ୍ୟସ୍ଥତା ପାଖକୁ ପଠାଇବା ଲାଗି ନିଯୁକ୍ତିଦାତା ଏବଂ ଠିକାଦାରଙ୍କ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇପାରିବ । ଅବଶିଷ୍ଟ ପ୍ରକ୍ରିୟା ମଧ୍ୟସ୍ଥତା ଏବଂ ଆପୋଷ ବୁଝାମଣା ଅଧିନିୟମ , ୧୯୯୬ ଅନୁଯାୟୀ ହେବ ଯାହାକି ୨୦୧୫ ର ସଂଶୋଧନ ଅଧିନିୟମ ଦ୍ୱାରା ସଂଶୋଧିତ ହୋଇଛି ।"

୧୫ . ତେଣୁ ଅନୁରୋଧ କରାଯାଉଛି ଯେ ପ୍ରଥମ ଆବେଦନକାରୀ ସି ଆଇ ଏଲ୍ ର ସହାୟକ କମ୍ପାନୀ ହୋଇଥିବାରୁ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହୋଇଥିବାରୁ ଆବେଦନକାରୀ ଏବଂ ପ୍ରତିବାଦୀ ମଧ୍ୟରେ ଦେଖାଦେଇଥିବା ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଯିବା ଉଚିତ କି ନୁହେଁ ତାହା ବିଚାର କରାଯାଉ । ଏହି

ପରିପ୍ରେକ୍ଷୀରେ , ଆବେଦନକାରୀ ଏବଂ ପ୍ରତିବାଦୀ ୨୦ ୧୬ ର ମଧ୍ୟସ୍ଥତା ଆବେଦନ ସଂଖ୍ୟା ୫୯ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ୨୦ ଜୁଲାଇ, ୨୦୧୮ ର ଏକ ଆଦେଶ ଉପରେ ନିର୍ଭର କରିଥିଲେ।

୧୬. ୭ ଏପ୍ରିଲ୍ , ୨୦୧୭ ତାରିଖର ନୀତିଗତ ପତ୍ର ଆଧାରରେ ପ୍ରତିବାଦୀ ତରଫରୁ ଅନୁରୋଧ କରାଯାଇଥିବା ଆବେଦନକୁ ଆମେ ଗ୍ରହଣ କରିପାରୁନାହୁଁ । ସି ଆଇ ଏଲ୍ ଦ୍ୱାରା ଜାରି କରାଯାଇଥିବା ସୂଚନା ମଧ୍ୟସ୍ଥତା ଜରିଆରେ ବିବାଦ କିମ୍ବା ମତଭେଦର ଆପୋଷ ସମାଧାନ କରିବାର ସମ୍ଭାବନାକୁ ସୂଚୀତ କରେ କାରଣ ସେହି ସମୟରେ ସି ଆଇ ଏଲ୍ ପ୍ରକରଣ ପୁସ୍ତିକା (ମାନୁଆଲ) କିମ୍ବା ଚୁକ୍ତି ଦସ୍ତାବିଜରେ ମଧ୍ୟସ୍ଥତା ସମ୍ବନ୍ଧୀୟ କୌଣସି ଅନୁବିଧି ନଥିଲା । ଅବଶ୍ୟ ଯେତେବେଳେ ଠିକାଦାର ମଧ୍ୟସ୍ଥତା ମାଧ୍ୟମରେ କୌଣସି ବିବାଦର ସମାଧାନ ପାଇଁ ରାଜି ହୋଇଯିବେ, ସେତେବେଳେ ସି ଆଇ ଏଲ୍ ର ସକ୍ଷମ ଅଧିକାରୀ କିମ୍ବା ସହାୟକ କମ୍ପାନୀର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ମଧ୍ୟସ୍ଥତା ପାଇଁ ଠିକାଦାର ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇପାରିବ ।

୧୭ . ୭ ଏପ୍ରିଲ ୨୦୧୭ ତାରିଖର ପତ୍ର ମାଧ୍ୟମରେ ସି ଆଇ ଏଲ୍ ପକ୍ଷରୁ ମଧ୍ୟସ୍ଥତା ମାଧ୍ୟମରେ କାର୍ଯ୍ୟ ଚୁକ୍ତି ସମ୍ବନ୍ଧୀୟ ବିବାଦ ସମାଧାନ କରାଯିବାର ଇଚ୍ଛା ବ୍ୟକ୍ତ କରାଯାଇଛି । ବିବାଦ ଦେଖାଦେଲେ ମଧ୍ୟସ୍ଥତା ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ପରବର୍ତ୍ତୀ ରାଜିନାମା ପାଇଁ ଆଗେଇବା ଆବଶ୍ୟକ । ତେଣୁ , ଜଗଦୀଶ ଚନ୍ଦର (ପୂର୍ବୋକ୍ତ)ରେ ନିର୍ଦ୍ଧାରିତ ସିଦ୍ଧାନ୍ତକୁ ଅନୁସରଣ କରି , ପୂର୍ବୋକ୍ତ ପତ୍ର ବିନିମୟରେ ଦିଆଯାଇଥିବା ଅନୁବିଧି ୫ କୁ ୧୯୯୬ ଅଧିନିୟମର ଧାରା ୭ ଅନୁଯାୟୀ ଆବେଦନକାରୀ ଏବଂ ପ୍ରତିବାଦୀଙ୍କ ମଧ୍ୟରେ ମଧ୍ୟସ୍ଥତା ରାଜିନାମା ଭାବେ ଗ୍ରହଣ କରାଯାଇ , ଆବେଦନକାରୀଙ୍କୁ ମଧ୍ୟସ୍ଥତା କରିବା ପାଇଁ ବାଧ୍ୟ କରାଯାଇପାରିବ ନାହିଁ ।

୧୮. ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ୨୦ ଜୁଲାଇ ୨୦୧୮ ତାରିଖର ଆଦେଶ ଅନୁଯାୟୀ ଉଭୟ ପକ୍ଷର ଶ୍ରୀମାନ ଓକିଲ ଏହି ତଥ୍ୟକୁ ନେଇ ବିବାଦ କରିନଥିଲେ ଯେ ସି ଆଇ ଏଲ ଦ୍ୱାରା ନିଆଯାଇଥିବା ଚୁକ୍ତି ରାଜିନାମାର ଅନୁବିଧି ୧୫ ଏବଂ ନୀତିଗତ ନିଷ୍ପତ୍ତିର ଅନୁବିଧି ୫ ପକ୍ଷଙ୍କ ମଧ୍ୟରେ କୌଣସି ବିବାଦ କିମ୍ବା ମତଭେଦ ଥିଲେ ମଧ୍ୟସ୍ଥି ନିଯୁକ୍ତି ପ୍ରଦାନ କରିଥାଏ । ତେଣୁ ଏହି ଆଦେଶ ଆଇନଜୀବୀଙ୍କ ବୁଝାମଣା ଆଧାରରେ ଜାରି କରାଯାଇଛି, ଯାହାକୁ କୌଣସି ପରିସ୍ଥିତିରେ ମଧ୍ୟସ୍ଥତା ରାଜିନାମାର ଅସ୍ତିତ୍ୱ ଉପରେ ଆଇନର ବାଧ୍ୟତାମୂଳକ ବିବୃତି ବୋଲି ବିବେଚନା କରାଯାଇପାରିବ ନାହିଁ ।

୧୯. ଉପରୋକ୍ତ କାରଣରୁ , ଆମେ ଏହି ନିଷ୍ପତ୍ତିରେ ପହଞ୍ଚିଛୁ ଯେ ୧୯୯୬ ଅଧିନିୟମର ଧାରା ୧୧ (୬) ଅଧୀନରେ ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଧିକାରର ଆହ୍ୱାନ ବୈଧ ନଥିଲା ଏବଂ ଆବେଦନକାରୀ ଏବଂ ପ୍ରତିବାଦୀଙ୍କ ମଧ୍ୟରେ କୌଣସି ମଧ୍ୟସ୍ଥତା ରାଜିନାମା ନ ଥିବାରୁ ମଧ୍ୟସ୍ଥତା ପାଇଁ କୌଣସି ଉଲ୍ଲେଖ କରାଯାଇ ପାରିନଥାନ୍ତା । ତଦନୁସାରେ, ଆମେ ଏହି ଆବେଦନକୁ ଗ୍ରହଣ କରୁଛୁ ଏବଂ ୨୯ ନଭେମ୍ବର , ୨୦୧୯ ରେ ଉଚ୍ଚ ନ୍ୟାୟାଳୟ ଙ୍କ ରାୟ ଏବଂ ଆଦେଶକୁ ରଦ୍ଦ କରୁଛୁ । ତେବେ ଯାହାହେଉ, ଉତ୍ତରଦାତା

ନିଜର ଅଭିଯୋଗର ସମାଧାନ ନିମନ୍ତେ ଆଇନରେ ଉପଲବ୍ଧ ପ୍ରତିକାରର ସାହାଯ୍ୟ ନେବାକୁ ସ୍ୱାଧୀନ ଅଟନ୍ତି।

୨୦. ଯଦି କୌଣସି ଆବେଦନ ବାକି ରହିଛି ତେବେ ତାହାକୁ ସମାଧାନ କରିଦିଆଯିବ ।

**…………......ବିଚାରପତି**

**[ଡଃ.ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ]**

**ନୂଆ ଦିଲ୍ଲୀ ;** **…………..... ବିଚାରପତି**

**ଜୁଲାଇ ୨୫ ,୨୦୨୨** **[ଏ ଏସ୍ ବୋପାନ୍ନା]**

**- ଏସ୍ –**

## ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟଳୟ , କଟକ**